ISSN: 2456-9194, Vol. VII, Issue. IV, March 2024

# ପ୍ରତ୍ୟୟ

**(Journal of Odia Language, Culture and Science)**

Peer-Reviewed Journal - Homepage: http://cphfs.in/research.php

# ଓଡିଆ ନାଟକରେ ଆଦିବାସୀଙ୍କ ସମସ୍ୟା ଓ ସଂଘର୍ଷର ଚିତ୍ର

**ପ୍ରଦୀପ କୁମାର ନାଏକ (ଗବେଷକ), ଡ଼ଃ ରଶ୍ମିତା ତ୍ରିପାଠୀ (ଆସୋସିଏଟ୍ ପ୍ରଫେସର)**

ଓଡିଆ ଭାଷା ଓ ସାହିତ୍ୟ ବିଭାଗ, କିସ୍ ମାନିତ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର

Email: drrasmita.tripathy@gmail.com

**ସାରାଂଶ :**ଓଡିଆ ସାହିତ୍ୟ ଜଗତରେ ଆଦିବାସୀ ପ୍ରସଙ୍ଗର ଏକ ସ୍ୱତନ୍ତ୍ର ଆଲୋଚନାର ପରିସର ରହିଛି। ସେମାନଙ୍କ ସାହିତ୍ୟ,ସଂସ୍କୃତି ଓ ପରମ୍ପରା ଓଡିଆ ସାହିତ୍ୟର ଆଙ୍ଗିକ ଓ ଆତ୍ମିକ ବିଭବକୁ ବିମଣ୍ଡିତ କରିଅଛି । ଆଦିବାସୀ ମାନଙ୍କ ଜୀବନଚର୍ଯ୍ୟାରୁ ସାହିତ୍ୟକମାନଙ୍କୁ ମିଳିଥାଏ ଗଭୀରତମ ତତ୍ତ୍ୱ । ଯାହାକୁ ଅସ୍ୱାଦନ କରିଥାଏ ସମଗ୍ର ଜନସମାଜ । ବିଭିନ୍ନ ମାନବୀୟ ଏବଂ ଅମାନବୀୟ କାରଣ ଯୋଗୁଁ ଆଜି ଆଦିବାସୀଙ୍କ ଭାଷା ସାହିତ୍ୟ ସଂସ୍କୃତି ଅବକ୍ଷୟମୁଖୀ । ତେଣୁ ତା'ର ସୁରକ୍ଷା ଓ ଉନ୍ନତି କରିବା ଆମର ପ୍ରଧାନ କର୍ତ୍ତବ୍ୟ ହେବା ଆବଶ୍ୟକ । ଓଡିଆ ସାହିତ୍ୟର ଗଳ୍ପ, ଉପନ୍ୟାସ, ପ୍ରବନ୍ଧ, ସମାଲୋଚନା ଆଦିରେ ଆଦିବାସୀ ପ୍ରସଙ୍ଗ ରହିଛି; ଯାହା ଓଡିଆ ନାଟକ କ୍ଷେତ୍ରରେ ମଧ ପରିଲକ୍ଷିତ ହୋଇଥାଏ । ମଣିଷର ଉତ୍‌ଥାନ-ପତନ ଜୀବନ ହିଁ ନାଟକରେ ପ୍ରତିଫଳିତ ହୋଇଥାଏ । ଆଦିବସୀ ଜନଜୀବନକୁ ନେଇ ଯେଉଁ ଓଡିଆ ନାଟକ ରଚିତ ସେଥିରେ ସଂସ୍କୃତି ଅପେକ୍ଷା ସମସ୍ୟା ଓ ସଂଘର୍ଷର ଚିତ୍ର ଅଧିକ ମାତ୍ରାରେ ଦେଖିବାକୁ ମିଳିଥାଏ। ଯାହା ଏହି ପ୍ରବନ୍ଧ ମାଧମରେ ଆଲୋଚନାର ପରିସରକୁ ଆଣିବାର ପ୍ରୟାସ କରାଯାଇ ଅଛି ।

**ଲକ୍ଷ୍ୟ ଓ ଉଦ୍ଦେଶ୍ୟ:** ୧. ଓଡିଶାର ଆଦିବାସୀଙ୍କ ସଂସ୍କୃତି ସହିତ ପରିଚିତ ହେବା । ୨. ଓଡିଆ ନାଟକରେ ଆଦିବାସୀଙ୍କ ସ୍ଥିତି ସମ୍ପର୍କରେ ଅବଗତ ହେବା ନିମନ୍ତେ ପ୍ରୟାସ କରାଯାଇଛି । ୪. ଓଡିଆ ନାଟକରେ ଥିବା ଆଦିବାସୀଙ୍କ ବିଭିନ୍ନ ସମସ୍ୟା ଓ ସଂଘର୍ଷ ସହିତ ପରିଚିତ ହେବା ।

**ମୁଖ୍ୟଶବ୍ଦ:** ବିସ୍ଥାପନ, ଧର୍ମାନ୍ତରୀକରଣ, ଶୋଷଣ, ନିର୍ଯ୍ୟାତନା, ଦ୍ରାବିଡ଼ଗୋଷ୍ଠୀ, ଆର୍ଯ୍ୟଗୋଷ୍ଠୀ, ବେଠିସମସ୍ୟା, ବିଦ୍ରୋହ, ଯୌନକ୍ଷୁଧା, ଭିଟାମାଟି ।

## ଓଡ଼ିଶାର ଆଦିବାସୀ ସଂସ୍କୃତି

ଆଦିବାସୀ ଶବ୍ଦପାଇଁ ଇଂରାଜୀରେ 'Tribe' ବୋଲି ବ୍ୟବହର କରାଯାଏ। ଆଦିବାସୀ କହିଲେ ଆମେ ବୁଝିବା ଆଦିମତମ ଜନଗୋଷ୍ଠୀ। ଯେଉଁମାନେ ମାନବ ସଭ୍ୟତାର ଆଦି ଉନ୍ମେଷ କାଳରେ ପ୍ରଗତିପଥର ମଙ୍ଗଧରିଥିଲେ । ବଣ-ଜଙ୍ଗଲ, ପାହାଡ-ପର୍ବତ, ନଦୀ-ଝରଣା, ସୁବିସ୍ତୃତ ପ୍ରାକୃତିକ ପରିବେଷ୍ଟନୀ ହିଁ ଥିଲା ସେମାନଙ୍କର କର୍ମଭୂମି । ଯାହାର ପ୍ରାକୃତିକ ସମ୍ବଳ ଓ ସୌନ୍ଦର୍ଯ୍ୟକୁ ନିର୍ବାଧରେ ଉପଭୋଗ କରୁଥିଲେ । କ୍ଷିତି, ତେଜ, ଆପ, ମରୁତ ଓ ବ୍ୟୋମକୁ ବିଧାତାର ସ୍ୱରୂପ ବୋଲି ବିଶ୍ୱାସ କରୁଥିଲେ । ସେମାନେ ସ୍ୱର୍ଗସୁଖର ମହାସ୍ରୋତରେ ପ୍ରବାହିତ ହେଉଥିଲେ । ନିଜର ଅସ୍ଥିତ୍ୱକୁ ନେଇ ସେମାନେ ବିଶେଷ କିଛି ଅବଗତ ନଥିଲେ ମଧ ଅଭିଜ୍ଞତା ଓ ଅନୁଭୂତିଦ୍ୱାରା ଅନୁଧ୍ୟାନ ଓ ଅନୁସନ୍ଧାନ କରିବାର ଇଚ୍ଛାଶକ୍ତିଥିଲା ପ୍ରଖର । ନିଜଠାରୁ ଓ ନିଜ ଚତୁଃପାର୍ଶ୍ୱ ପରିବେଶରୁ ଅନେକ କିଛି ଶିକ୍ଷଣୀୟ ତତ୍ତ୍ୱ ଗ୍ରହଣ କରୁଥିଲେ । ତାଙ୍କର ସେହି ଚାଲି-ଚଳଣି,ପ୍ରଥା-ପରମ୍ପରା,ଆଦି ସାମାଜିକ କର୍ମ କାଣ୍ଡରୁ ହିଁ ସଂସ୍କୃତିର ଉନ୍ମେଷ ଓ ବିକାଶ ଘଟିଛି । ସଂସ୍କୃତି ହିଁ ମାନବ ସଭ୍ୟତାକୁ ମୂଲ୍ୟବୋଧର ମହାନ ଶିକ୍ଷା ପ୍ରଦାନ କରିଥାଏ । ଆଦିବାସୀ ସଂସ୍କୃତି ହିଁ ଗୋଟିଏ ବିକଶିତ ସଂସ୍କୃତିର ଆଦି ଉତ୍ସ। ତେଣୁ ପ୍ରତ୍ୟେକ ଗୋଷ୍ଠୀ ବା ସମ୍ପ୍ରଦାୟର ପ୍ରଧାନ କର୍ତ୍ତବ୍ୟ ହେଲା ତା'ର ସଂସ୍କୃତି, ପରମ୍ପରା ଓ ଐତିହ୍ୟକୁ ଅଖଣ୍ଡ ରଖିବା । ପୃଥିବୀ ପୃଷ୍ଠରେ ଅନେକ ଦେଶ ବା ଭୂଖଣ୍ଡରେ ଅନେକ ପ୍ରକାରେ ଆଦିବାସୀଙ୍କ ଅବସ୍ଥିତି ଦେଖିବାକୁ ମିଳିଥାଏ । ଭାରତର ବିଭିନ୍ନ ରାଜ୍ୟ ଓ କେନ୍ଦ୍ର ଶାସିତ ପ୍ରଦେଶରେ ୭୦୦ ରୁ ଉର୍ଦ୍ଧ ପ୍ରକାରର ଆଦିବାସୀ ଦେଖାଯାନ୍ତି । ଓଡ଼ିଶାରେ ସର୍ବ ମୋଟ ୬୨ ପ୍ରକାରର ଆଦିବାସୀ ଦେଖା ଯାଆନ୍ତି, ସେଥି ମଧ୍ୟରୁ ୧୩ ପ୍ରକାରର ଆଦିମ ଅଧିବାସୀ । ବିଶିଷ୍ଟ ଐତିହାସିକମାନଙ୍କ ମତାନୁସାରେ ଦ୍ରାବିଡ ଓ ଆର୍ଯ୍ୟମାନଙ୍କ ଆଗମନ ପୂର୍ବରୁ ଓଡ଼ିଶାରେ ଏକ ଶକ୍ତିଶାଳୀ ଜନଗୋଷ୍ଠୀର ପ୍ରଭୁତ୍ୱ ଥିଲା । ଯାହା ଆଦିବାସୀ ବା ଅଷ୍ଟ୍ରିକଗୋଷ୍ଠୀ ଭାବରେ ପରିଚିତ । ଓଡ଼ିଶାର ଜଗନ୍ନାଥ ସଂସ୍କୃତି ସହିତ ଆଦିବାସୀ ସଂସ୍କୃତି ଓତଃପ୍ରୋତ ଭାବରେ ଜଡ଼ିତ । ଭାଷାର ବ୍ୟବହାର ତଥା ଭାଷା ପରିବାରର ବିଭାଗୀକରଣ ଅନୁସାରେ ଓଡ଼ିଶାର ଆଦିବାସୀମାନଙ୍କୁ ତିନିଗୋଟି ବିଭାଗରେ ବିଭକ୍ତ କରା ଯାଇପାରେ; ଯଥା: ଆର୍ଯ୍ୟଗୋଷ୍ଠୀ, ଦ୍ରାବିଡ଼ଗୋଷ୍ଠୀ ଓ ଅଷ୍ଟ୍ରିକଗୋଷ୍ଠୀ । ନିଜର ଭାଷସାହିତ୍ୟ ଓ ସଂସ୍କୃତିକୁ ନେଇ ପ୍ରତ୍ୟେକ ଗୋଷ୍ଠୀର ସ୍ୱତନ୍ତ୍ରତା ରହିଛି ।(୧)

ISSN: 2456-9194, Vol. VII, Issue. IV, March-2024

**ଓଡ଼ିଆ ସାହିତ୍ୟରେ ଆଦିବାସୀଙ୍କ ପରିଚୟ:**

ସାହିତ୍ୟ ମାନବର ଚିନ୍ତା, ଚେତନା,ଅଭିଜ୍ଞତା,ଅନୁଭୂତର ଓ ଜିଜ୍ଞାସାବୋଧର ସାର୍ଥକ ପରିପ୍ରକାଶ । ମଣିଷର ସାମାଜିକ ଜୀବନ ସହିତ ସାହିତ୍ୟର ସମ୍ପର୍କ ଅତିନିବିଡ଼ । ସମାଜର ବାସ୍ତବତାକୁ ସାହିତ୍ୟ ଗ୍ରହଣ କରିଥାଏ, ଯାହା ସମଗ୍ର ଜନସମାଜ ପାଇଁ ହିତକର ତାକୁ ହିଁ ସାହିତ୍ୟ ପରିପ୍ରକାଶ କରିଥାଏ, ତେଣୁ ସାହିତ୍ୟ ହୋଇଯାଏ ସମାଜର ଦର୍ପଣ । ସାହିତ୍ୟ ଏକ ଚିରସ୍ରୋତା ନଦୀ ଭଳି । ଯେ କୌଣସି ସମୟରେ ସାହିତ୍ୟ ମଧ୍ୟକୁ ନିର୍ବାଧରେ କୌଣସି ବି ପ୍ରସଙ୍ଗ ପ୍ରବେଶ କରିପାରେ । ଯାହାଫଳରେ ସାହିତ୍ୟର ଦିଗହୁଏ ପ୍ରସସ୍ତ ଓ ପ୍ରଲମ୍ବିତ । ମାନବ ସମାଜର କଲ୍ୟାଣ ପାଇଁ ସାହିତ୍ୟର ପରିଧି ପ୍ରସାରିତ ହୋଇ ଥାଏ । ସାଧାରଣତଃ ସାହିତ୍ୟକୁ ଦୁଇ ଭାଗରେ ବିଭକ୍ତ କରଯାଇ ଥାଏ ଯଥା;- ଲୋକ ସାହିତ୍ୟ ଓ ଲିଖିତ ସାହିତ୍ୟ।ଲିଖିତସାହିତ୍ୟର ଆଦ୍ୟ ଆରମ୍ଭ ପୂର୍ବରୁ ଲୋକସାହିତ୍ୟର ଅଖଣ୍ଡ ରାଜତ୍ୱ ଥିଲା । ଉଭୟ ସାହିତ୍ୟରେ ବିଭିନ୍ନ ପରମ୍ପରା ଓ ସଂସ୍କୃତିର ଆଗମନ ଫଳରେ ସାହିତ୍ୟରେ ଆଦିବାସୀ ଜନଜୀବନର ସାଂସ୍କୃତିକ ଚିତ୍ରକୁ ସମ୍ୟକ ଆଲୋଚନା କରାଯାଇ ପାରେ ।

ଯେଉଁ ସାହିତ୍ୟର ସ୍ରଷ୍ଟା, ସୃଷ୍ଟି, ସୃଷ୍ଟିସ୍ଥାନ ଓ ସମୟ ସମ୍ପର୍କରେ ଜ୍ଞାତ ତଥ୍ୟ ନଥାଏ ତାକୁ ହିଁ ଲୋକସାହିତ୍ୟ କୁହାଯାଏ । ଏଥିରେ ଲୋକ ଜୀବନର ପଲ୍ଲୀପ୍ରଣତା, ସାମାଜିକ କର୍ମକାଣ୍ଡ , ପରମ୍ପରାର ମୌଖିକ ରୂପ ଦେଖିବାକୁ ମିଳିଥାଏ । ଆଦିବାସୀମାନେ ସାଧାରଣତଃ ସଂସ୍କୃତି ପ୍ରେମୀ । ତେଣୁ ତାଙ୍କର ବିଭିନ୍ନ ପ୍ରକାର ସାଂସ୍କୃତିକ କାର୍ଯ୍ୟକ୍ରମରେ (ଜନ୍ମ, ମୃତ୍ୟୁ, ବିବାହ,ପୂଜା, ପାର୍ବଣ ଇତ୍ୟାଦି) ନୃତ୍ୟ, ଗୀତର ମାଦକତତାରେ ଆତ୍ମବିଭୋର ହୋଇ ଯାଆନ୍ତି। ଯହିଁରୁ ସ୍ୱତଃସ୍ଫୁତ ଭାବରେ ଆଦିବାସୀ ଲୋକ ସାହିତ୍ୟର ଉନ୍ମେଷ ଘଟିଥାଏ । ଲୋକଗୀତ, ଲୋକକାହାଣୀ, ଲୋକନାଟକ, ପ୍ରବାଦ, ପ୍ରବଚନ, ରୂଢ଼ି, ଲୋକବାଣୀ, ପ୍ରହେଳିକା ଇତ୍ୟାଦି ବିଭାଗରେ ଆଦିବାସୀଙ୍କ ସଂସ୍କୃତି ପୂର୍ଣ୍ଣମାତ୍ରରେ ପ୍ରତିଫଳିତ ।

ଯେ କୌଣସି ଭାଷାର ସାହିତ୍ୟରେ ଲିପିର ସୃଷ୍ଟି ବା ଚୟନ ହେଲାପରେ ଲିଖିତ ସାହିତ୍ୟ ଉତ୍ତରଣ ଘୋଟିଥାଏ। ମୌଖିକ ସାହିତ୍ୟକୁ ଜୀବିତ ରଖିବା ଅଥବା ନୂତନ ମାନବୀୟ ଚିନ୍ତାଧାରକୁ ପରବର୍ତ୍ତୀ ପିଢ଼ୀପାଇଁ ଲିପିବଦ୍ଧ ରଖିବାରେ ଲିଖିତ ସାହିତ୍ୟର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଓଡ଼ିଆ ସାହିତ୍ୟରେ ଚର୍ଯ୍ୟାଗୀତିକା, କଳସାଚଉତିଶା, ରୁଦ୍ରାସୁଧାନିଧି, ସାରଳାସାହିତ୍ୟ, ପଞ୍ଚସଖାସାହିତ୍ୟ, ମଧ୍ୟଯୁଗୀୟ ସାହିତ୍ୟଠାରୁ ଆରମ୍ଭ କରି ଆଧୁନିକ ଯୁଗ ପର୍ଯ୍ୟନ୍ତ ଓଡ଼ିଆ ଲିଖିତ ସାହିତ୍ୟର ତରୁପଲ୍ଲବିତ ହୋଇଅଛି । ବିଶେଷ କରି ଆଧୁନିକ ଓଡ଼ିଆ ସାହିତ୍ୟରେ ଆଦିବାସୀଙ୍କ କଥା ସାହିତ୍ୟମଧ୍ୟକୁ ପ୍ରବେଶକରିଥିଲା, ଯେଉଁଥିରେ ପର୍ଯ୍ୟାୟକ୍ରମେ ଆଦିବାସୀଙ୍କ ଚିତ୍ର ଗଳ୍ପ, ଉପନ୍ୟାସ, ପ୍ରବନ୍ଧ, ରମ୍ୟରଚନା,ନାଟକ ଆଦି ବିଭାଗରେ ଆଦିବାସୀ ଜୀବନଚର୍ଯ୍ୟା ପରିଲକ୍ଷିତ ।(୨)

ମଣିଷର ହସ, କାନ୍ଦ, ବିଶ୍ୱାସ, ଅବିଶ୍ୱାସ, ବେଦନା, ଯନ୍ତ୍ରଣା ଆଦିରୁ ହିଁ ନାଟକର ଉଦ୍ଭବ ଓ ବିକାଶ ହୋଇଥାଏ । ନୃତ୍ୟ,ସଙ୍ଗୀତ,ସଂଳାପ, ଚରିତ୍ର, ଅଭିନୟ ଆଦି ମିଶ୍ରିତ କଳାର ସମନ୍ୱୟ ହେଉଛି ନାଟକ । ଆଧୁନିକ ଓଡ଼ିଆ ସାହିତ୍ୟରେ ପ୍ରଥମ ଓଡ଼ିଆ ନାଟକ ରଚିତ ହୁଏ ୧୮୭୭ ମସିହାରେ 'ବାବାଜୀ' ନାଟ୍ୟକାର ଜଗନ୍ମୋହନ ଲାଲାଙ୍କଦ୍ୱାରା । ଏହା ପୂର୍ବରୁ ଓଡ଼ିଆ ନାଟକ କହିଲେ ଓଡ଼ିଶା ପୃଷ୍ଠଭୂମିରେ ପ୍ରଚଳିତ ପାରମ୍ପରିକ ଓଡ଼ିଆ ଲୋକନାଟକ ଓ ସଂସ୍କୃତ ନାଟକର ସ୍ୱରୂପକୁ ଦେଖି ପାରିବା 'ବାବାଜୀ' ପୂର୍ବରୁ 'ପଦ୍ମାବତୀ ହରଣ' ଓ ରଘୁନାଥ ପରିଚ୍ଛାଙ୍କ 'ଗୋପୀନାଥ ବଲ୍ଲଭ' ନାମରେ ଦୁଇଟି ନାଟକ ଦୃଷ୍ଟି ଗୋଚର ହୋଇଥିଲେ ମଧ୍ୟ ଗୁଣାତ୍ମକ ଦୃଷ୍ଟିରୁ ସାର୍ଥକ ନାଟକର ମାନ୍ୟତା ମିଳିପାରେ ନାହିଁ । ନାଟ୍ୟ ସମାଲୋଚକମାନେ ଓଡ଼ିଆ ନାଟକର ଉଦ୍ଭବ ଓ ବିକାଶର ସ୍ତରକୁ ଚାରୋଟି ପର୍ଯ୍ୟାୟରେ ବିଭକ୍ତ କରିଛନ୍ତି। ଯଥା;- (୧) ପ୍ରଥମ ପର୍ଯ୍ୟାୟ –(୧୮୭୦- ୧୯୨୦), (୨) ଦ୍ୱିତୀୟ ପର୍ଯ୍ୟାୟ - (୧୯୨୧- ୧୯୫୦), (୩) ତୃତୀୟ ପର୍ଯ୍ୟାୟ (୧୯୫୧-୧୯୮୦), (୪) ଚତୁର୍ଥ ପର୍ଯ୍ୟାୟ (୧୮୮୦ରୁ ଅଦ୍ୟାବଧି)। ଏହି ସ୍ରୋତରେ ଅନେକ ନାଟ୍ୟକାରଙ୍କ ଆଗମନ ଘଟିଛି ଓଡ଼ିଆ ନାଟ୍ୟସାହିତ୍ୟକୁ । ନୂତନ ଚିନ୍ତା, ଚେତନା, ପରୀକ୍ଷାନିରୀକ୍ଷାଦ୍ୱାରା ଓଡ଼ିଆ ନାଟକକୁ ମିଳିଛି ଭିନ୍ନ ଦିଗ ଓ ଦିଗନ୍ତ। ଯେଉଁଥିରେ ଫୁଟି ଉଠିଛି ଆଦିବାସୀଙ୍କ ସମସ୍ୟା ଓ ସଂଘର୍ଷ ଚିତ୍ର ।(୩)

ଆଧୁନିକ ଓଡ଼ିଆ ନାଟ୍ୟସାହିତ୍ୟର ଆଦି ପର୍ଯ୍ୟୟରେ ରାମଶଙ୍କର ରାୟଙ୍କ 'ଲୀଳାବତୀ' (୧୯୧୨)ରେ କନ୍ଧ ସମ୍ପ୍ରଦାୟର ଚିତ୍ରକୁ ସ୍ପଷ୍ଟ କରିଛନ୍ତି । ଯେଉଁଥିରେ ଆର୍ଯ୍ୟ ସମାଜ ପ୍ରତିଷ୍ଠା ତଥା କୁସଂସ୍କାର ପ୍ରସଙ୍ଗ ରହିଛି। ଏଥିରେ ବିଧବା ବିବାହ ଓ ଆଦିବାସୀମାନଙ୍କ ଶିକ୍ଷା ସମସ୍ୟା ପରିଲକ୍ଷିତ ହୁଏ। ନାଟ୍ୟକାର ଅଶ୍ୱିନୀ କୁମାର ଘୋଷଙ୍କ 'ସେଓଜି'(୧୯୧୮)ରେ ଆଦିବାସୀଙ୍କ ବୀରତ୍ୱ, ସନ୍ତାନବତ୍ସଲ୍ୟ, ଆଦି ମହତଗୁଣର ପରିଚୟ ଦେଇଛନ୍ତି । ନାଟକରେ ପାର୍ବତ୍ୟାଞ୍ଚଳର ପରିବେଶ ସୃଷ୍ଟି ସହିତ ଆଦିବାସୀ ସର୍ଦ୍ଦାର ଲାଖା ମୁହଁରେ ଆଦିବାସୀ ଭାଷା ଦେବାକୁ ଚେଷ୍ଟା କରିଛନ୍ତି। ଏଥିରେ ଆଦିବାସୀଙ୍କ ବିଶେଷ କିଛି ସମସ୍ୟା ଦେଖାଯାଇନଥାଏ । ନାଟ୍ୟକାରଙ୍କର 'ଶ୍ରୀ ମନ୍ଦିର' (୧୮୩୪) ନାଟକରେ ମଧ୍ୟ ଆଦିବାସୀ ଜୀବନଚର୍ଯ୍ୟା ପରିଲଅକ୍ଷିତ ହୋଇ ଥାଏ । ଯାହା ଶବରରାଜା ବିଶ୍ୱାବସୁ ଓ ନୀଳମାଧବ ପ୍ରସଙ୍ଗ ଉପରେ ରଚିତ ।(୪)

ଓଡ଼ିଆ ନାଟକକ୍ଷେତ୍ରରେ ପ୍ରଥମଥରପାଇଁ ଦୁଇଟି ଆଦିବାସୀ ସମସ୍ୟାଭିତ୍ତିକ ସାର୍ଥକ ନାଟକ ନାଟ୍ୟକାର ଧନେଶ୍ୱର ପଟ୍ଟନାୟକଙ୍କ 'ଆଦିବାସୀ' (୧୯୬୧) ଓ ବଳରାମ ମିଶ୍ରଙ୍କ 'ଡୁମ୍ବା' (୧୯୬୨) ଚାଞ୍ଚଲ୍ୟ ସୃଷ୍ଟି କରିଥିଲା। 'ଆଦିବାସୀ' ନାଟକରେ ନାଟ୍ୟକାର ଆଦିବାସୀ ଗ୍ରାମର ପଟ୍ଟଭୂମିରେ ଆଦିବାସୀ ଜୀବନର ଏକ ଦ୍ୱନ୍ଦମୟ ଜଟିଳ କାହାଣୀକୁ ପରିକଳ୍ପିତ କରିଛନ୍ତି। ଗୋଟିଏ ଦିଗରେ ଆଦିବାସୀ ଜୀବନର ସରଳତା, ବିଶ୍ୱାସ, ଆବେଗ ଓ ସତ୍ୟନିଷ୍ଠତା ଏବଂ ଅନ୍ୟ ଗୋଟିଏ ଦିଗରେ କ୍ରୋଧ ଓ ଆଦିମ ପ୍ରବୃତି ଏ ଦୁଇଟି ବିରୋଧାତ୍ମକ ଭାବଧାରରେ ନାଟକଟି ସଂଘର୍ଷମୟ। ନାଟ୍ୟକାର ନାଟକଟିରେ ବହୁ ସମସ୍ୟାକୁ ଧରିରଖିବାର ଚେଷ୍ଟା କରିଛନ୍ତି। ଖଣି ଖାଦାନରେ କାମକରୁଥିବା ଆଦିବାସୀଙ୍କ ଜୀବନଧାରା ଜଟିଳ ସେମାନଙ୍କ ଉପରେ ହେଉଥିବା ଅତ୍ୟାଚାର ଶୋଷଣ ଓ ପ୍ରତାରଣା ମୁଖ୍ୟ ସମସ୍ୟା ଭାବରେ ଉପସ୍ଥାପିତ । ଦ୍ୱିତୀୟଟି ହେଉଛି ମିସନାରୀମାନଙ୍କ ଦ୍ୱାରା ଆଦିବାସୀମାନଙ୍କ ଧର୍ମାନ୍ତର । ଏହିପରି ଅନେକ ବହୁବିଧ ସମସ୍ୟା ନାଟକଟିରେ ଦେଖିବାକୁ ମିଳିଥାଏ । 'ଡୁମ୍ବା' ନାଟକରେ ନାଟ୍ୟକାର ଆଦିବାସୀଙ୍କ ଦାରିଦ୍ର୍ୟ ସମସ୍ୟାକୁ ଉଲ୍ଲେଖ କରିଛନ୍ତି। ଚାରୁର ବ୍ୟବସାୟୀମାନେ ଆଦିବାସୀ ଅଞ୍ଚଳକୁ ଯାଇ ସେମାନେ କଠିନ ପରିଶ୍ରମକରି ଉତ୍ପନ୍ନ କରିଥିବା ମାଣ୍ଡିଆ, ସୋରିଷ, ହଳଦୀ,ଅଦା,ଏବଂ ଜଙ୍ଗଲରୁ ସଂଗୃହୀତ

ମହୁ, ଝୁଣା ପ୍ରଭୃତିକୁ ସାମାନ୍ୟ ମୂଲ୍ୟ ଦେଇ କିଣି ନିଅନ୍ତି । ଆଦିବାସୀଙ୍କୁ ଋଣ ଦେଇ ଚାରିଗୁଣା  ଆଦାୟ କରନ୍ତି। ଯେ ସୁଝିପାରେ ନାହିଁ ସେ ଅତ୍ୟାଚାର ଶିକାର ହୋଇଥାଏ। ଏଠାରେ ଆଦିବାସୀମାନେ ସରକାରୀ କର୍ମଚାରୀମାନଙ୍କ ଦ୍ୱାରା ମଧ୍ୟ ଶୋଷିତ ହୁଅନ୍ତି । 'ଡୁମା' ନାଟକ ଆଦିବାସୀଙ୍କ ସମସ୍ୟାର ଏକ ମାର୍ମିକ ଚିତ୍ର ପ୍ରଦାନ କରିଥାଏ ।(୫)

ନାଟ୍ୟକାର ଅକ୍ଷୟ କୁମାର ମହାନ୍ତିଙ୍କ ନାଟକ 'ସମ୍ପିତ' (୧୯୬୯) ଅନ୍ୟ ଏକ ସମସ୍ୟାଧର୍ମୀ ନାଟକ । ଏହି ନାଟକରେ ଆଦିବାସୀ ନାୟକ ନାୟିକା ଯଥାକ୍ରମେ ମିଝକା ଓ ଜିଙ୍ଗଲୀ । ଆଦିବାସୀ ଝିଅ ଜିଙ୍ଗଲୀ ପ୍ରସବ ବେଦନାରେ ମୃତ୍ୟୁ ବରଣ କରିବା । ମିଟ୍‌କା ବିନା ଦୋଷରେ ଦୋଷୀ ସାବ୍ୟସ୍ତ ହୋଇ ଦଣ୍ଡ ପାଇବା ଆଦି ସମ୍ବେଦନଶୀଳ ଘଟନା ନାଟକଟିକୁ ଗତିଶୀଳ କରିବା ସହିତ ଆଦିବାସୀଙ୍କ ଜୀବନର ସଂଘର୍ଷକୁ ଉଜ୍ଜୀବିତ କରିଛି। ରତି ମିଶ୍ରଙ୍କ 'ମାଛକାନ୍ଦଣାର ସ୍ୱର' (୧୯୯୬) ନାଟକରେ ରହିଛି କେନ୍ଦୁଝରର ଆଦିବାସୀମାନଙ୍କ ବେଠି ସମସ୍ୟା । ଯାହା ଆଦିବାସୀ ନେତା  ଧରଣୀଧର ଭୂୟାଁଙ୍କ ଇଂରେଜ ବିପକ୍ଷରେ ବିଦ୍ରୋହ ସମ୍ପର୍କରେ ରଚିତ । କେନ୍ଦୁଝର ରାଜା ଧନଞ୍ଜୟ ଭଞ୍ଜ ଇଂରେଜ ସରକାରଙ୍କ ଅଧିନତାକୁ ସ୍ୱୀକାର କରି ନିରୀହ ଆଦିବାସୀଙ୍କ ଉପରେ ଅକଥନୀୟ ଅତ୍ୟାଚାର ଓ ଶୋଷଣ କରି ଚାଲିଥିଲେ । ତାଙ୍କ  ରାଜାଙ୍କ ଆଦେଶରେ ମାଛକାନ୍ଦଣା ନଦୀରେ ବନ୍ଧନିର୍ମାଣ ପାଇଁ ଆଦିବାସୀମାନଙ୍କୁ ବିନା ପାରିଶ୍ରମିକରେ ବେଠି ଖାଟାଉଥିଲେ । ତେଣୁ ଭୂୟାଁ ସର୍ଦ୍ଦାର ଧରଣୀ -ଧରଙ୍କ ନେତୃତ୍ୱରେ ରାଜାଙ୍କ ବିରୋଧରେ ଆନ୍ଦୋଳନ କରାଯାଇ ଥିଲା । ଶୋଷକ ବିରୁଦ୍ଧରେ ଶୋଷିତର ରକ୍ତମୁଖୀ ସଂଗ୍ରାମ ଓ ଶୋଷିତ ଗୋଷ୍ଠୀର ବିଜୟ ଲାଭପରି ଏକ ସମାଜିକ ବାସ୍ତବବାଦୀ କଥାବସ୍ତୁର ଉପନିବେଶ କରି ରତି ମିଶ୍ରଙ୍କ ଏହି ନାଟ୍ୟ ପରିକଳ୍ପନା ଜନସଚେତନତା ସୃଷ୍ଟି କରି ପାରିଛି ।(୬)

ହରିହର ମିଶ୍ରଙ୍କର 'ଏବେ ନୁହେଁ ତ କେବେ ନୁହେଁ' ନାଟକରେ କଳାହାଣ୍ଡି ଜିଲ୍ଲାର କନ୍ଧ ସମ୍ପ୍ରଦାୟଙ୍କ ଦାରିଦ୍ର୍ୟ ସମସ୍ୟା ସହିତ ସଂଘର୍ଷ କଥା ବର୍ଣ୍ଣିତ । ସମ୍ଭ୍ରାନ୍ତ ଶ୍ରେଣୀର ଲୋକମାନଙ୍କଦ୍ୱାରା ଏହି ଅଞ୍ଚଳର ଲୋକମାନେ ଶୋଷିତ ହେଉଛନ୍ତି । ପ୍ରତିଦିନ ଖଣିରୁ ବାହାରୁଥିବା ରତ୍ନପଥର ଲୁଟହୋଇ ସୁବିଧାବା-ଦୀମାନେ ଆଦିବାସୀଙ୍କ ସରଳତାର ସୁଯୋଗ ନେଇ କମ ମୂଲ୍ୟରେ ଖଣିଜ ପଦାର୍ଥ କିଣି ନେଉଛନ୍ତି । ଆଦିବାସୀମାନେ ଋଣଗ୍ରସ୍ତ ହୋଇ ନିଜର ଜମିଜାଗା ହରାଇଛନ୍ତି । ଆଦିବାସୀମାନଙ୍କ ଭିଟାମାଟି ଛାଡି ଅରଣ୍ୟକୁ ଗମନ, ପ୍ରତିରୋଧ ସଂଘର୍ଷର ଚିତ୍ରକୁ ନେଇ ନୀଳାଦ୍ରୀଭୂଷଣ ହରିଚନ୍ଦନ ରଚନା କରିଛନ୍ତି 'ଅରଣ୍ୟର ଅଶ୍ରୁ' ନାଟକ । ଏହି ନାଟକଟି ଯାଜପୁର ଜିଲ୍ଲାର କଳିଙ୍ଗନଗରରେ ଥିବା ପୋଲିସ ଓ ଆଦିବାସୀମାନଙ୍କ ସଂଘର୍ଷକୁ ନେଇ ରଚିତ। ପୋଲିସ ବହିନୀର ଅମାନୁଷିକ ଦମନଲୀଳା ଓ ଲୋମହର୍ଷଣକାରୀ ହତ୍ୟାକାଣ୍ଡର ସମ୍ବାଦ ବାରମ୍ବାର ଗଣମାଧ୍ୟମରେ ପ୍ରଚାରିତ ହୋଇଥିଲା । ଏହା ଓଡ଼ିଶାର ଜନସାଧାରଣଙ୍କ ମନରେ ଗଭୀର ଆଲୋଡନ ସୃଷ୍ଟି କରିଥିଲା । ଆଦିବାସୀଙ୍କ ଜମିକୁ ଅକ୍ତିଆର କରି ସେଥିରେ ଶିଳ୍ପ ପ୍ରତିଷ୍ଠା କରାଯାଇଛି ଏବଂ ସେମାନଙ୍କୁ ଜଙ୍ଗଲକୁ ବିସ୍ଥାପନ କରାଯାଇଛି। ଆଦିବାସୀମାନଙ୍କର ପ୍ରତିରୋଧ ଓ ସଂଘର୍ଷ ଏବଂ ମୃତାହତ ଅବସ୍ଥାରେ ଭିଟାମାଟି ଛାଡି ଅରଣ୍ୟ ଭିତରକୁ ପଳାୟନର କାହାଣୀକୁ ଦ୍ୱନ୍ଦାତ୍ମକ ଭାବରେ ଉପସ୍ଥାପନା କରାଯାଇଛି । ପ୍ରାଚୀନ ସହିତ ବର୍ତ୍ତମାନର ସମନ୍ୱିତ ରୂପ ଏହି ନାଟକରେ ଦେଖିବାକୁ ମିଳିଥାଏ। ନାଟ୍ୟକାର ନାରାୟଣ ସାହୁଙ୍କ 'କ୍ରାନ୍ତି' ନାଟକରେ ଆଦିବାସୀମାନଙ୍କୁ ଅନ୍ଧାରେ ରଖି ଲୁଣ୍ଠନ କରିଛନ୍ତି ବୁର୍ଜୟା ଗୋଷ୍ଠୀ । ଶୋଷଣ ଦୂର ନହେବା ପର୍ଯ୍ୟନ୍ତ ଆବାସୀଙ୍କର ଉନ୍ନତି  ଆସିପାରିବ ନାହିଁ । ଯେଉଁମାନେ ଶିଳ୍ପପ୍ରତିଷ୍ଠା ପାଇଁ ଆଦିବାସୀଙ୍କୁ କଷ୍ଟ ଦେଇଛନ୍ତି, ଆଦିବାସୀଙ୍କ ବିକାଶରେ ବାଧାସୃଷ୍ଟି କରିଛନ୍ତି ସେମାନଙ୍କୁ ହତ୍ୟା କରିବାକୁ ନିଷ୍ପତି ନେଇଛି ବିପ୍ଳବୀ ସର୍ବୋଦୟନେତା ସନାତନଙ୍କ ପୁଅ ନକ୍ସଲବାଦୀ ଜଗତପ୍ରକାଶ । ପାଞ୍ଚଜଣଙ୍କୁ  ହତ୍ୟା କରିବା ଅଭିଯୋଗରେ ତାଙ୍କୁ ପ୍ରାଣଦଣ୍ଡରେ ଦଣ୍ଡିତ କରାଯାଇଛି । ଫାଶୀ ପାଇବାର ଅବ୍ୟବହିତ ପୂର୍ବରୁ ସେ ତାର ବିଶ୍ୱାସ ପ୍ରକାଶ କରିଛି କ୍ରାନ୍ତି ମରି ଯାଏନି,ଏ ମାଟିରେ ପୁଣି ଜନ୍ମନେବ କ୍ରାନ୍ତି ।(୭)

ବିସ୍ଥାପନ ବିରୁଦ୍ଧରେ ଆଦିବାସୀମାନଙ୍କ ପ୍ରତିବାଦ ଓ ନକ୍ସଲାଇଟ ସମସ୍ୟାର ମାର୍ମିକ ଚିତ୍ର ବିଜୟ କୁମାର ଶତପଥୀ 'କୋକୁଆ'(୨୦୧୨) ନାଟକରେ ରୂପଦେଇଛନ୍ତି। ଫେରୋଆଲେଜ କମ୍ପାନୀକୁ ବିରୋଧ କରିଛନ୍ତି ଆଦିବାସୀ ଗ୍ରାମର ଲୋକମାନେ । କମ୍ପାନୀ ପ୍ରତିଷ୍ଠା ହେଲେ ସେମାନଙ୍କର ଜମିବାଡି, ଘରଦ୍ୱାର ଆଦି ସବୁ ଚାଲିଯିବ । କୌଣସି ପ୍ରକାର ପ୍ରଲୋଭନରେ ଆସକ୍ତ ହୋଇ ନାହାନ୍ତି । ଭିଟାମାଟିକୁ ନ ଛାଡିବାର ଦୃଢ ସଂକଳ୍ପ ନେଇଛନ୍ତି । ଆଦିବାସୀମାନେ ଶିବୁ ମାଝିର ନେତୃତ୍ୱରେ ଆନ୍ଦୋଳନ କରିଛନ୍ତି । ଏକ ନାଟ୍ୟଧର୍ମୀ କାହାଣୀ ମାଧ୍ୟମରେ ଜଙ୍ଗଲର ଧ୍ୱଂସ ତଥା ବିସ୍ଥାପନ, ଆଦିବାସୀ ଗୋଷ୍ଠୀର ପ୍ରତିରୋଧ ଏବଂ ମୁଖ୍ୟସ୍ରୋତରେ ମିଶିବାପାଇଁ ଆତଙ୍କବାଦୀଙ୍କ ଠାରୁ ମୁକ୍ତି ଲାଭର ବିଡମ୍ବନା ପରି ସମସ୍ୟାଗୁଡିକୁ ସାର୍ଥକ ରୂପେ ରୂପାୟିତ କରି ପାରିଛନ୍ତି । ଅନାହାରରେ ମୃତ୍ୟୁ ତଥା ଦାରିଦ୍ର୍ୟ ସମସ୍ୟାର ଚିତ୍ର ସୁବୋଧ ପଟ୍ଟନାୟକଙ୍କ 'ଅବରୁଦ୍ଧ ଉଦ୍ଧବ' (୧୯୯୪) ନାଟକରେ ଚିତ୍ରିତ । ଆଦିବାସୀ କନ୍ଧ ଉଦ୍ଧବ ଖାଦ୍ୟ ଅଭାବରୁ ଦୁଇଟି ସନ୍ତାନକୁ ହରାଇଛି। ତୃତୀୟ ସନ୍ତାନ ଗର୍ଭସ୍ତ ଅବସ୍ତାରେ ମୃତ୍ୟୁବରଣ କରିଛି । କାମକରି ରୋଜଗାର କରିବାର ସୁଯୋଗ ମଧ୍ୟ ନାହିଁ । ଅନେକ ଆଦିବାସୀ ଦାରିଦ୍ର୍ୟତା କାରଣରୁ ମାଓବାଦୀରେ ମିଶିଛନ୍ତି । ସାମ୍ବାଦିକମାନେ ଚାଞ୍ଚଲ୍ୟକର ଖବର ଛାପିବାକୁ ଯାଇ କଳାହାଣ୍ଡିର ପ୍ରତ୍ୟେକ ମୃତ୍ୟୁକୁ ଅନାହାରରେ ମୃତ୍ୟୁ ବୋଲି ଚିତ୍ରଣ କରିଛନ୍ତି । କିନ୍ତୁ ଆଦିବାସୀଙ୍କର ସମସ୍ୟାର ସମାଧାନ ହୋଇ ପାରୁନାହିଁ । କଳାହାଣ୍ଡିର ଅନାହାରକ୍ଲିଷ୍ଟ ଲୋକଙ୍କୁ ନାଟ୍ୟକାର ଶୋଷଣ ଓ ଅସମାନତା ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିବାକୁ ଆହ୍ୱାନ ଦେଇଛନ୍ତି। ସେହିପରି ନାଟ୍ୟକାରଙ୍କ ଅନ୍ୟାନ୍ୟ ନାଟକ 'କାଠ' (୧୯୯୨), 'ଧୂଆଁ' (୨୦୦୫), 'ଫୁଲ'(୨୦୧୦), 'ବିଶବଜାର' 'ମାଟି' (୨୦୧୦), 'ବନ' (୨୦୦୯), 'ଧଳାସୁନା' (୨୦୦୬), 'କଳାପାଣି' (୧୯୯୮), 'ଟାଙ୍ଗିଆଛାପ' (୧୯୯୬), 'ବଳି' ପ୍ରଭୃତି ନାଟକ ଆଦିବାସୀ ସମସ୍ୟା ଭିତ୍ତିକ । 'ବଳି' ନାଟକରେ ଅନ୍ଧବିଶ୍ୱାସକୁ ଏକ ସମସ୍ୟା ଭାବରେ ଗ୍ରହଣ କରିପାରିବା। ପୋଲ ନିର୍ମାଣ କାର୍ଯ୍ୟରେ ଆଦିବାସୀ ପୂଜକ ଜାନି କଥାରେ ବିଶ୍ୱାସକରି କଣ୍ଟ୍ରାକଟର ବଳି ବ୍ୟବସ୍ଥା କରିବାକୁ ଜାନିକୁ କହିଛି । ଦୁଇଜଣ ଆଦିବାସୀ  ଦମ୍ପତି କଣ୍ଟ୍ରାକ୍ଟର ଠାରୁ ପଇସା ନେଇ ନିଜ ସନ୍ତାନକୁ ଜାନି ହାତକୁ ଟେକି ଦେଇଛନ୍ତି। ଆଦିବାସୀମାନଙ୍କର ବିକଟ ଚିତ୍ର ଏଥିରେ ପ୍ରକଟିତ ହୋଇଛି । ନାଟକଟିରେ କଳାହାଣ୍ଡି ଜିଲ୍ଲାର ଖାଦ୍ୟାଭାବ, ଶିଶୁବିକ୍ରୀ ସହିତ ଆଦିବାସୀଙ୍କ ସଂସ୍କୃତି, ଧର୍ମ, ବିଶ୍ୱାସ, ନୃତ୍ୟ, ବାଦ୍ୟ, ଧର୍ମଧାରଣା ଆଦିର ଏକ ପୂର୍ଣ୍ଣାଙ୍ଗ ଚିତ୍ର ଉପସ୍ଥାପିତ । ଏହା ହିଁ ଏହି ଆଦିବାସୀ ଜୀବନ ସମ୍ବଳିତ ନାଟକଟିର ବିଶେଷତ୍ୱ।

'ବିଶବଜାର'ରେ ଆଦିବାସୀମାନଙ୍କ ମଦଖାଇ ସର୍ବସ୍ୱ ହରାଇବାର ସମସ୍ୟାକୁ ଦେଖିପାରିବା । ଏଥିରେ ବଡ଼ବିଲର ଜଙ୍ଗଲ ଓ ଝରଣା ପାଣିକୁ ନେଇ ଚାଲିଥିବା ବିବାଦର କଥାବସ୍ତୁ ଏଥିରେ ସ୍ଥାନିତ । 'କଳାପାଣି' ନାଟକରେ ବଡ଼ବିଲ ଅଞ୍ଚଳର ସମ୍ଭ୍ରାନ୍ତ ଓ ଆଦିବାସୀ ମାନଙ୍କର ସଂଘର୍ଷର ଚିତ୍ର ଚିତ୍ରିତ । 'ଫୁଲ' ନାଟକରେ ସମାରୁ ଫୁଲକୁ ପାଇବାପାଇଁ ବ୍ୟାକୁଳ; ସେହି ବ୍ୟାକୁଳତାର ସୁଯୋଗ ନେଇ ବ୍ୟବସାୟୀ ତାକୁ ମହୁଲ ବସ୍ତା ବୁହାଇବା କାମରେ ଲଗାଇଛି। ଗଛହଣାରୁ ସେଥିପାଇଁ ସେ ଧରାପଡ଼ି କିଛି ପଇସା ଦେଇ ଖସି ଆସିଛି । ବ୍ୟବସାୟୀ ମଧ ଚାଉଳ ଦେବାପାଇଁ ଗାଁର ଝିଅବୋହୂଙ୍କୁ ନଜର ପକାଇଛି । ଫୁଲ ଓ ତାର ସାଙ୍ଗ ମିଶି ବ୍ୟବସାୟୀକୁ ମାରିବାକୁ ଚେଷ୍ଟା କରିଛନ୍ତି । ଧୂଆଁ (୨୦୦୫) 'ନାଟକରେ କୋରାପୁଟ ଓ ସୁନାବେଡ଼ାର ଲୋକେ ଶିଳ୍ପାୟନ ଯୋଗୁଁ ନିଜର ହରାଇବା କଥା କୁହାଯାଇଛି । 'ଧଳାସୁନା' (୨୦୦୬) ନାଟକରେ କଳାହାଣ୍ଡି ଜିଲ୍ଲାର କପା ଚାଷୀଙ୍କ ଆତ୍ମହତ୍ୟା ସମସ୍ୟାକୁ ଆଲୋକିତ କରିଛି। 'ବଜା ମହୁରିଆ ବଜା'(୨୦୦୯) ନାଟକରେ କନ୍ଧମାଳ ଜିଲ୍ଲାର ଡଙ୍ଗା ଓ ଧର୍ମାନ୍ତରୀକରଣ ସମସ୍ୟା ଉପରେ ଆଧାରିତ। ଆଦିବାସୀମାନଙ୍କ ଧର୍ମାନ୍ତରୀକରଣ ଓ ପାଦ୍ରୀମାନଙ୍କ ଶୋଷଣକୁ ନେଇ ହୃଷୀକେଶ ପଣ୍ଡା ଲେଖିଛନ୍ତି 'ଭାସ୍କଡ଼ାଗାମା ନାଟକ'। ଆଦିବାସୀମାନଙ୍କ ଦାରିଦ୍ର୍ୟ ଓ ଅଶିକ୍ଷାର ଓ ସରଳତା ସୁଯୋଗ ନେଇ ଖ୍ରୀଷ୍ଟିୟାନ ପାଦ୍ରୀମାନଙ୍କର ପ୍ରଲୋଭନର ଶିକାର ହୋଇଛନ୍ତି । ଯାହାଫଳରେ ସେମାନେ ନିଜ ଧର୍ମ ପରିବର୍ତ୍ତନ କରିଛନ୍ତି। ଯିଏ ବିରୋଧ କରିଛି ସେ ଅକଥନୀୟ ଅତ୍ୟାଚାର ଓ ଶୋଷଣର ସମ୍ମୁଖୀନ ହୋଇଛି । ଧର୍ମୀୟ ସମସ୍ୟା ଏକ ସାର୍ଥକ ଚିତ୍ରପଟ୍ଟ ହୃଷୀକେଶ ପଣ୍ଡାଙ୍କ 'ଭାସ୍କୋଡାଗାମା' ନାଟକ ।(୮)

ଭାରତ ଛାଡ ଆନ୍ଦୋଳନରେ ନେତୃତ୍ୱ ନେଇଥିବା ଆଦିବାସୀ ନେତା ଲକ୍ଷ୍ମଣ ନାୟକଙ୍କ ଜୀବନୀକୁ ନେଇ ନାଟ୍ୟକାର ଚନ୍ଦ୍ରଶେଖର ନନ୍ଦ ରଚନା କରିଛନ୍ତି 'ଅଭିମାନ' ନାଟକ । ଆଦିବାସୀ ନେତା ଲକ୍ଷ୍ମଣ ନାୟକଙ୍କ ତ୍ୟାଗ,ନିଷ୍ଠା ଓ ଜାତିପାଇଁ ଆତ୍ମବଳିଦାନର ମହତ୍ତ୍ୱ ନାଟକରେ ଫୁଟିଉଠିଛି । ସେହି ଇଂରେଜ ଶୋଷଣ ଓ ଅନ୍ୟାୟ ଅତ୍ୟାଚାରକୁ ବିରୋଧ କରି ନାଟ୍ୟକାର ମନ୍ମଥ ଶତପଥୀ ରଚନା କଲେ 'ମୁଁ ଚକରା କହୁଛି' ନାଟକ ଏଥିରେ ଚକରା ବିଷୋଇଙ୍କ ୧୮୫୭ ମସିହାରେ ସଂଘଠିତ ସିପାହୀ ବିଦ୍ରୋହରେ ନେତୃତ୍ୱ ଓ କନ୍ଧମେଳି ସମ୍ପର୍କରେ ନାଟକରେ ପରିବେଷଣ କରାଯାଇ ଅଛି । 'କାହାଣୀ ନୁହେଁ ନାଟକ' ନାଟକରେ ନାଟ୍ୟକାର ଶତପଥୀ ଦର୍ଶାଇ କହନ୍ତି ଯେ ସଭ୍ୟ ସମାଜରୁ ଟିକିଏ ଅନୁକମ୍ପା ଓ ସହାନୁଭୂତି ଆଦିବାସୀ-ମାନଙ୍କପାଇଁ କେତେ ଉପାଦେୟ ତାହା ଏହି ନାଟକରେ ଦେଖିବାକୁ ମିଳିଥାଏ । ଆଦିବାସୀ ଝିଅ ରାଧୀର ଯିଏ କି ନିଜଗାଁ ଜଙ୍ଗଲ ଛାଡି ସହରକୁ ଆସିଛି ମାତ୍ର ସହରର ପରିଶେଷ ସହିତ ନିଜକୁ ସମନ୍ୱିତ କରିପାରି ନାହିଁ । ସ୍ୱାର୍ଥପରତା, ହିଂସା ଓ ବର୍ବରତା ତାକୁ ଅତିଷ୍ଠ କରିପକାଇଛି । ପୁଣି ସେ ଗାଁକୁ ପ୍ରତ୍ୟାବର୍ତ୍ତନ କରିଛି । ଆଦିବାସୀ ଜୀବନର ଏକ ନିଷ୍କପଟ ଚିତ୍ରରୂପେ ଏନାଟକରେ ଏକ ସ୍ଥାୟୀ ଆବେଦନ ରହିଛି । 'ଯୌବନ ତୀର୍ଥ' (୧୯୬୯) ଆଦିବାସୀଙ୍କ ଜୀବନକୁ ନେଇ ରଚିତ ହୋଇଥିବା ଶ୍ରେଷ୍ଠ ନାଟକ । ଏହି ନାଟକରେ ଆଧୁନିକ ଶିକ୍ଷିତ, ସଭ୍ୟ ମଣିଷର ଚେହେରା ପଛରେ ଯେଉଁ ନିଷ୍ଠୁର ଯୌନକ୍ଷୁଧା ଲୁଚି ରହିଥାଏ ତାହା ପ୍ରଦର୍ଶିତ । ନାଟକରେ ସାବି ନାମକ ଏକ ଆଦିବାସୀ ଯୁବତୀ ଅବାଞ୍ଛିତ ଭାବରେ ଗର୍ଭବତୀ ହୋଇ ଯାଇଛି ଓ ଆତ୍ମହତ୍ୟା ମଧ କରିଛି । ତାକୁ ଉପଯୁକ୍ତ ନ୍ୟାୟ ମିଳି ପାରିନାହିଁ । ଯେତେଦିନ ପର୍ଯ୍ୟନ୍ତ ଆଦିବାସୀଙ୍କୁ ସମାଜରେ ସାମାଜିକ ସ୍ଥାନ ନ ମିଳିଛି,ସମାଜରେ ଏମିତି ବିଶୃଙ୍ଖଳା ହେବାଟା ସ୍ୱାଭାବିକ କଥା । ଲେଖକଙ୍କ ବିଶ୍ୱାସ କେବଳ ଆଇନକାନୁନ୍‌ଦ୍ୱାରା ଏଥିରେ ସଂସ୍କାର ଆସିପାରିବ, ମାତ୍ର ମାନସିକ ପରିବର୍ତ୍ତନଦ୍ୱାରା ହିଁ ଏହା ସମ୍ଭବ । ନାଟ୍ୟକାର ମନ୍ମଥ ଶତପଥୀଙ୍କର ଅନ୍ୟ ଏକ ନାଟକ ହେଉଛି 'ଆଜିର ମଣିଷ' (୧୯୭୨) ନାଟକଟି ଆଦିବାସୀଙ୍କ ସମସ୍ୟାକୁ ନେଇ ରଚିତ 'ଜନାର୍ଦ୍ଦନ' ନାମକ ଜଣେ ନିଷ୍ପେଷିତ ଆଦିବାସୀ ବାସ୍ତବ ଜୀବନ କାହାଣୀ ଉପରେ ଆଧାରିତ । କେତେକ କଥା ବସ୍ତୁକୁ ଯୋଡି ନାଟକଟି ଗତିଶୀଳ । 'କାହାଣୀ ନୁହେଁ ନାଟକ' (୧୯୭୪) ନାଟକରେ ନାଟ୍ୟକାର ଶତପଥୀ ଆଦିବାସୀଙ୍କ ପ୍ରତି ଏକ ସମ୍ବେଦନ ଶୀଳମନୋଭାବକୁ ଦର୍ଶାଇଛନ୍ତି ।(୯)

ଓଡିଆ ସାହିତ୍ୟର ଅନ୍ୟ ଜଣେ ବିଶିଷ୍ଟ ନାଟ୍ୟକାର ହେଉଛନ୍ତି ରମେଶ ଦାସ ଆଦିବାସୀ ଜୀବନକୁ ନେଇ ରଚିତ ତାଙ୍କ ନାଟକ ହେଉଛି 'ବରଂ ନିବାସ ଭଲ ରଣକ୍ଷେତ୍ରେ' (୧୯୮୫)। ଏଥିରେ ଆଦିବାସୀଙ୍କ ଜୀବନଚର୍ଯ୍ୟା ଓ ସଂସ୍କୃତି ସମ୍ପୃକ୍ତ । ତଥାକଥିତ ସମାଜରେ ଥିବା ଆଦିବାସୀଙ୍କ ଚିନ୍ତାଧାରା ଓ ସଭ୍ୟଶିକ୍ଷିତ ସମାଜର ଚିନ୍ତାଧାରା ମଧ୍ୟେ ଥିବା ବୈଷମ୍ୟକୁ ବିରୋଧ କରି ଏକ କାହାଣୀ ମାଧ୍ୟମରେ ଉପସ୍ଥାପନା କରିଛନ୍ତି । ସଭ୍ୟ ବୋଲାଉଥିବା ଶିକ୍ଷିତ ଗୋଷ୍ଠୀ ଆଦିବସୀଙ୍କ ବାସ୍ତବ ଜୀବନ ସହିତ ପରିଚିତ ହୋଇ ପାରିନାହାନ୍ତି । ସେମାଙ୍କ କଷ୍ଟସାଧ ଅଭାବ ଗ୍ରସ୍ତ, ଉନ୍ନତ ବିଚାର ବିହୀନ ଜୀବନକୁ ପାଖକୁଯାଇ ଦେଖିନାହାନ୍ତି। କିନ୍ତୁ କେତେକ ବ୍ୟକ୍ତି ଅଛନ୍ତି, ଯେଉଁମାନଙ୍କର ଆଦିବାସୀମାନଙ୍କ ପୂର୍ବସ୍ଥିତି ପ୍ରତି ଭାବପ୍ରବଣତା ରହିଛି । ଏହି ବୈଚିତ୍ର୍ୟ ଭିତରେ ନାଟ୍ୟକାର ଆଦିବାସୀମାନଙ୍କର ବହୁବିଧ ସମସ୍ୟା ଉନ୍ମୋଚିତ ହୋଇଛି । ଉତ୍ତର ଆଶୀ ଓଡିଆ ନାଟ୍ୟ ଧାରାର ଅନ୍ୟତମ ନାଟ୍ୟକାର ଅଶୋକ କୁମାର ତ୍ରିପାଠୀଙ୍କ 'ମଣିଷର ଗନ୍ଧ' (୧୯୯୦) ନାଟକରେ ଆଦିବାସୀ-ଙ୍କର ରାଜନୀତିକ ସଚେତନତା, ଆଧୁନିକ ଶିକ୍ଷା ପ୍ରତି ଆଗ୍ରହକୁ ନାଟକରେ ଉପସ୍ଥାପନା କରାଯାଇଛି। କୋରାପୁଟ ଜିଲ୍ଲାର ବିଶିଷ୍ଟ ନାଟ୍ୟକାର ଶ୍ରୀ ଜଗଦୀଶ ଅଧିକାରୀଙ୍କ 'କୁକୁଡ଼ା ଗାଲି',ଓ 'ହିଡିମା' ନାଟକରେ ମଧ ଆଦିବାସୀଙ୍କ ସମସ୍ୟା ରହିଛି । ସମ୍ବଲପୁରୀ ନାଟକର ନାଟ୍ୟକାର ଶ୍ରୀ ପରମେଶ୍ୱର ମୁଣ୍ଡଙ୍କ 'ମାଏଟ୍ ମା' । ଏଥିରେ ନଦୀବନ୍ଧ ଯୋଜନାରେ ସରକାର ଓ ଗାଁ ଲୋକଙ୍କୁ ଠିକାଦାରମାନେ ଦଲାଲି କରି ଆଦିବାସୀମାନଙ୍କୁ ବିସ୍ଥାପନ କରିବାର ଅପଚେଷ୍ଟା କରିଛନ୍ତି । ନାଟ୍ୟକାରଙ୍କ ଅନ୍ୟାନ୍ୟ ନାଟକ ଯଥା 'ଇନ୍ଦ୍ରାବତୀରକଥା', 'ରେଣ୍ଡୋମାଝି','ଘାଟି','ମରୁଭୂମି', 'ଦେଶ','ମେଘର ଦେଶେ ପାଏନ', 'ପୁଦେଲି', 'ପେନୁ', 'ଡଙ୍ଗର ସେପାଖେ', 'ଚନ୍ଦ୍ରକୁଟିଆ', 'ମିଗନିନା', 'ଖମର ନାନୀ', 'ମହୁଲି' ପ୍ରଭୃତି ନାଟକଗୁଡିକ ରଚନାକରି ସମାଜରେ ଦଳିତ, ସର୍ବହରା, ହେବାକୁ ଯାଉଥିବା ଏବଂ ଶାସନ କାଳରେ ସୁବିଧା ପାଉ ନ ଥିବା ଆଦିବାସୀଙ୍କ କଥା ହିଁ କୁହାଯାଇଛି ।(୧୦)

**ଉପସଂହାର:**

ଉପରୋକ୍ତ ଆଲୋଚନାରୁ ଅନୁମିତ ହୁଏ ଯେ ମନୁଷ୍ୟ ଜୀବନରେ ସମସ୍ୟାର ଅନ୍ତ ନାହିଁ । ଆଦିବାସୀ ଭିତ୍ତିକ ଓଡିଆ ନାଟକର ପ୍ରତିଟି ପୃଷ୍ଠାରେ ଆଦିବାସୀଙ୍କ ସମସ୍ୟା ଓ ସଂଘର୍ଷର ଚିତ୍ର ରହିଛି । ପ୍ରତିଟି ସମସ୍ୟାରେ ସାମାଜିକ ବାସ୍ତବତା ଅଙ୍ଗାଙ୍ଗୀ ଭାବରେ ଜଡିତ । ସାମାଜିକ, ଅର୍ଥନୈତିକ,

ଆଧ୍ୟାତ୍ମିକ, ଭୌତିକ ଆଦି ସମସ୍ୟାଦ୍ୱାରା ଜୀବନକୁ ଗତିଶୀଳ କରିଛି । ଆଦିବାସୀମାନେ ସଂଘର୍ଷ କରିଛନ୍ତି ପ୍ରକୃତି ସହିତ, ସମାଜ ସହିତ, ଦାରିଦ୍ର୍ୟ ସହିତ ଶୋଷିତ ହୋଇଛନ୍ତି ଶୋଷକଙ୍କଦ୍ୱାରା । ଆଲୋଚ୍ୟ ନାଟକଗୁଡିକରେ କେଉଁଠି କେମିତି ଆଦିବାସୀ ଯୁବତୀମାନେ ଯୌନକ୍ଷୁଧାର ଶିକାର ମଧ ହୋଇଛନ୍ତି । ସାଧାରଣ ମଣିଷଟିଏ ଅତିରିକ୍ତ ମଦ୍ୟ ଆସକ୍ତହୋଇ କୁପଥର ଅନୁଗାମୀ ମଧ ହୋଇଛି, ମାତ୍ର କୌଣସି ସ୍ଥାନରେ ଅସ୍ତିତ୍ୱ, ଅସ୍ମିତା ଓ ଆତ୍ମସ୍ୱାଭିମାନ ସହିତ ସାଲିସ୍ କରିନାହାନ୍ତି । ପ୍ରତିଟି ସମସ୍ୟାକୁ ଦମ୍ଭର ସହ ସଂଘର୍ଷ କରିଛନ୍ତି । ଅନ୍ୟାୟ ଅତ୍ୟାଚାରକୁ ସହିଛନ୍ତି ଓ ବିଦ୍ରୋହ ମଧ କରିଛନ୍ତି । ଆଦିବାସୀଙ୍କ ପ୍ରତିଟି ବେଦନାକୁ ନାଟ୍ୟକାରମାନେ ଚିତ୍ରିତ କରିବାର ପ୍ରୟାସ କରିଛନ୍ତି । ଏମିତି ଅନେକ ଅନାଲୋଚିତ ଓଡିଆ ନାଟକ ଓ ନାଟ୍ୟକାର ଅଛନ୍ତି ଯେଉଁମାନେ ଆଦିବାସୀଙ୍କ ସମସ୍ୟା ଓ ସଂଘର୍ଷର କଥାକୁ ତାଙ୍କର ନିଜସ୍ୱ ନାଟକରେ ନାଟ୍ୟ ରୂପ ଦେଇଛନ୍ତି । ସେ ସମ୍ପର୍କରେ ଏହି ପ୍ରବନ୍ଧରେ ଉପସ୍ଥାପନା କରାଯାଇ ପରିନାହିଁ । ଯାହା ଏକ ଉନ୍ନତମାନର ପରବର୍ତ୍ତୀ ଗବେଷଣାର ଅପେକ୍ଷା ରଖୁଛି ।

**ପାଦଟୀକା**

(୧) 'ଓଡିଆ ଉପନ୍ୟାସରେ ଆଦିବାସୀ ଜୀବନ ଚର୍ଯ୍ୟା' ଦାସ, ଡ଼ଃ ସୁଲୋଚନା, ପୃଷ୍ଠା-୧୧

(୨) 'ଓଡିଆ ଉପନ୍ୟାସରେ ଆଦିବାସୀ ଜୀବନ ଚର୍ଯ୍ୟା' ଦାସ, ଡ଼ଃ ସୁଲୋଚନା,ପୃଷ୍ଠା-୧୫୭,୧୬୦

(୩) ସ୍ୱାଧୀନତୋତ୍ତର ଓଡିଆ ନାଟକ ଓ ଅନ୍ୟ ପ୍ରସଙ୍ଗ', ସାହୁ ଡ଼ଃ ନାରାୟଣ, ପୃଷ୍ଠା-୬,୭,୮

(୪) ଓଡିଆ ନାଟକରେ ଆଦିବାସୀ ପ୍ରସଙ୍ଗ, ପୃଷ୍ଠା- ୧୪୬,୧୪୮

(୫) ଓଡିଆ ନାଟକରେ ଆଦିବାସୀ ପ୍ରସଙ୍ଗ, ପୃଷ୍ଠା-୧୪୯,୧୫୦

(୬) ଓଡିଆ ନାଟକରେ ଆଦିବାସୀ ପ୍ରସଙ୍ଗ, ପୃଷ୍ଠା-୧୫୧,୧୫୮

(୭) 'ଓଡିଆ ନାଟକ :ସ୍ଥିତି ଓ ବିସ୍ତୃତି' ମିଶ୍ର ଡ଼ଃ ସଂଘମିତ୍ରା, ପୃଷ୍ଠା-୧୯୦,୧୯୨

(୮) 'ଓଡିଆ ନାଟକ :ସ୍ଥିତି ଓ ବିସ୍ତୃତି' ମିଶ୍ର ଡ଼ଃ ସଂଘମିତ୍ରା, ପୃଷ୍ଠା-୯୨,୨୦୦

(୯) ଓଡିଆ ନାଟକରେ ଆଦିବାସୀ ଜୀବନାଲେଖ୍ୟ - ଦୀପ ଘନଶ୍ୟାମ, from Shodhganga, (ଇଣ୍ଟର୍ନେଟ) ପୃଷ୍ଠା – ୨୫, ୭୭

(୧୦) 'ଓଡିଆ ନାଟକରେ ଆଦୀବାସୀ ଚିତ୍ର ଓ ଚରିତ୍ର', ନାଏକ ଜୁଥିକା ପ୍ରିୟଦର୍ଶନୀ, କିସ୍ ,ପାଠାଗାର, ପୃଷ୍ଠା- ୮୨,୧୪୯

**ସହାୟକ ଗ୍ରନ୍ଥ ସୂଚୀ:-**

୧. ଆଧୁନିକ ଓଡିଆ ନାଟ୍ୟ ପରିକ୍ରମା - ତ୍ରିପାଠୀ ଡଃ ରଶ୍ମିତା,ବିଶ୍ୱମୁକ୍ତି ପବ୍ଲିକେଶନ, ଭୁବନେଶ୍ୱର, ୨୦୧୭

୨. ଓଡିଆ ନାଟକ :ସ୍ଥିତି ଓ ବିସ୍ତୃତି-ମିଶ୍ର - ଡଃ ସଂଘମିତ୍ରା, ଗ୍ରନ୍ଥମନ୍ଦିର, ବିନୋଦବିହାରୀ କଟକ, ୨୦୧୪

୩. ନାଟକ ତତ୍ତ୍ୱ ବିଚାର – ସାହୁ ଡ଼ଃ ନାରାୟଣ, ବିଦ୍ୟାପୁରୀ ବାଲୁବାଜର କଟକ, ୨୦୦୩

୪. ନାଟ୍ୟ ପରିକ୍ରମା- ମିଶ୍ର ଡ଼ଃ ଜ୍ଞାନୀ ଦେବାଶିଷ- ସତ୍ୟନାରାୟଣ ବୁକ୍ ଷ୍ଟୋର,୨୦୨୧

୫. ଓଡିଆ ନାଟକର ଐତିହାସିକ ବିବର୍ତ୍ତନ (୧ମ ଓ ୨ୟ ଭାଗ) - ଦାସ ଡ଼ଃ ହେମନ୍ତ କୁମାର

୬. ଓଡିଆ ଉପନ୍ୟାସରେ ଆଦିବାସୀ ଜୀବନଚର୍ଯ୍ୟା - ଦାସ ସୁଲୋଚନା ,ବିଦ୍ୟାପୁରୀ

୭. ଓଡିଆ ନାଟକରେ ଆଦିବାସୀଙ୍କ ଚିତ୍ର ଓ ଚରିତ୍ର: ଏକ ଆକଳନ, (ପି.ଏଚଡି ନିବନ୍ଧ), ନାଏକ ଯୂଥୀକା ପ୍ରିୟଦର୍ଶନୀ, କିସ୍ ମାନିତ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର

୮. 'ଆଦିବାସୀ', ଓଡ଼ିଶା ଆଦିବାସୀ ଗବେଷଣା ପରିଷଦ, ଓଡ଼ିଶା ସରକାର - ୧୯୫୭